# କଂଗ୍ରେସ ଛାଡ଼ିଲେ ରାଜକିଶୋର

**ଜଗତ୍‌ସିଂହପୁର ଅଫିସ,୧୭।୯**

**ତିର୍ତ୍ତୋଲ ବିଧାନସଭା ଉପନିର୍ବାଚନ**

- ଜାତୀୟ ଦଳରେ ଯୋଗଦେବା ନେଇ ରଖିଲେ ମତ
- କଂଗ୍ରେସ କର୍ମୀଙ୍କ ମହଲରେ ଚର୍ଚ୍ଚା



ରାଜକିଶୋର ବେହେରା

ତିର୍ତ୍ତୋଲ ବିଧାୟକ ତଥା ବରିଷ୍ଠ ବିଜେଡି ନେତା ବିଷ୍ଣୁଚରଣ ଦାସଙ୍କ ବିୟୋଗପରେ ଏହି ବିଧାନସଭା ନିର୍ବାଚନମଣ୍ଡଳୀରେ ନଭେମ୍ବର ଶେଷ ସୁଦ୍ଧା ଉପନିର୍ବାଚନ ହେବା ନେଇ ସ୍ପଷ୍ଟ ହୋଇଛି। ଭାରତୀୟ ନିର୍ବାଚନ କମିଶନ ଏ ସମ୍ପର୍କିତ ସୂଚନା ଦେଲାପରେ ବିଜେଡି, ଭାଜପା ଓ କଂଗ୍ରେସ ପକ୍ଷରୁ ସାଙ୍ଗଠନିକ କାର୍ଯ୍ୟକୁ କ୍ରିୟାଶୀଳ କରାଯାଇଛି। ଏପରି କି ପ୍ରାର୍ଥୀ ଚୟନ ଉପରେ ଗୁରୁତ୍ୱ ଦିଆଯାଉଛି। ମାତ୍ର ଏ ପରିସ୍ଥିତିରେ କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ପ୍ରାର୍ଥୀ ରାଜକିଶୋର ବେହେରା ଦଳ ଛାଡ଼ିଲେ ବୋଲି ଗୁରୁବାର ସ୍ଥାନୀୟ ସାରଦା ମଣ୍ଡପରେ ଏକ ଖବରଦାତା ସମ୍ମିଳନୀ କରି ଘୋଷଣା କରିଛନ୍ତି।

ସେ କହିଛନ୍ତି, ଦଳ ତାଙ୍କୁ ଅଣଦେଖା କରିଛି। ଦୀର୍ଘ ବର୍ଷ ଧରି ଦଳ ପାଇଁ ସେ ନିରବଚ୍ଛିନ୍ନ ଭାବେ କାମ କରି ଆସୁଛନ୍ତି। ବୃତ୍ତିରେ ଜଣେ ଆଇନଜୀବୀ ହୋଇଥିଲେ ସୁଦ୍ଧା କଂଗ୍ରେସ ସଙ୍ଗଠନ ସହିତ ସେ ଦୀର୍ଘ ବର୍ଷ ଧରି ସକ୍ରିୟ ଭାବେ ରହି ଆସିଛନ୍ତି। ଅତୀତରେ କଂଗ୍ରେସ ମଧ୍ୟ ତାଙ୍କୁ ଅନେକ କିଛି ଦେଇଛି। ସେତେବେଳେ କଂଗ୍ରେସର ଆଭ୍ୟନ୍ତରୀଣ ଗଣତନ୍ତ୍ର ସୁଦୃଢ଼ ଥିଲା। କିନ୍ତୁ ଧୀରେଧୀରେ ଏହି ଗଣତନ୍ତ୍ର ଦୁର୍ବଳ ହେବାରେ ଲାଗିଛି। ସେ ଦଳର ଜଣେ ଆଗଧାଡ଼ିଆ ନେତା ହୋଇଥିଲେ ସୁଦ୍ଧା ତାଙ୍କୁ ବିଭିନ୍ନ କ୍ଷେତ୍ରରେ ନେତୃତ୍ୱ ଉପେକ୍ଷା କରୁଛନ୍ତି, ଯାହାକି ଯନ୍ତ୍ରଣାଦାୟକ। ତେଣୁ ସେ କଂଗ୍ରେସର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ଦେବାକୁ ନିଷ୍ପତ୍ତି ନେଇ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତିଙ୍କୁ ଚିଠି ମାଧ୍ୟମରେ ଅବଗତ କରିଛନ୍ତି। ଏଥିସହ ସେ ଏକ ଜାତୀୟ ଦଳକୁ ଯିବାକୁ ମନସ୍ଥ କରିଛନ୍ତି। ପରୋକ୍ଷରେ ସେ ଭାଜପାକୁ ଯିବେ ବୋଲି ସଙ୍କେତ ଦେଇଛନ୍ତି।

ବେହେରା ୨୦୦୯ ଓ ୨୦୧୪ ସାଧାରଣ ନିର୍ବାଚନରେ ତିର୍ତ୍ତୋଲ ବିଧାନସଭା ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ ହୋଇ ବିଜେଡି ପ୍ରାର୍ଥୀଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ୨୦୦୯ରେ ବିଜେଡି ପ୍ରାର୍ଥୀ ରବୀନ୍ଦ୍ରନାଥ ଭୋଇଙ୍କୁ ୮୨,୧୦୦ ଓ ରାଜକିଶୋରଙ୍କୁ ୪୮,୧୦୦ ଖଣ୍ଡ ଭୋଟ ମିଳିଥିଲା। ଭାଜପା ପ୍ରାର୍ଥୀ ଲତାମଣୀ ଦାସ ୪,୫୧୪ ଖଣ୍ଡ ଭୋଟ ପାଇଥିଲେ। ୨୦୧୪ରେ ବିଜେଡି ପ୍ରାର୍ଥୀ ରାଜଶ୍ରୀ ମଲ୍ଲିକଙ୍କୁ ୮୮,୯୫୩ ଓ ରାଜକିଶୋରଙ୍କୁ ୫୩,୫୦୫ ଖଣ୍ଡ ଭୋଟ ମିଳିଥିଲା। ଭାଜପା ପ୍ରାର୍ଥୀ ରମାକାନ୍ତ ଭୋଇ ୧୪,୫୧୬ ଖଣ୍ଡ ଭୋଟ ପାଇଥିଲେ। ୨୦୧୯ରେ ରାଜକିଶୋରଙ୍କ ବଦଳରେ ଦେବୀପ୍ରସାଦ ମଲ୍ଲିକଙ୍କୁ କଂଗ୍ରେସ ପ୍ରାର୍ଥୀ କରିଥିଲା। କିନ୍ତୁ ଏହି ନିର୍ବାଚନରେ କଂଗ୍ରେସ ବିଶେଷ କ୍ଷତିଗ୍ରସ୍ତ ହୋଇଥିଲା। ୨୦୧୪ରେ କଂଗ୍ରେସ ପ୍ରାର୍ଥୀ ବେହେରାଙ୍କୁ ୫୩,୫୦୫ ଓ ୨୦୧୯ରେ ମଲ୍ଲିକଙ୍କୁ ମାତ୍ର ୨୩,୮୦୯ ଖଣ୍ଡ ଭୋଟ ମିଳିବା ଦଳ ପାଇଁ ଚିନ୍ତାର କାରଣ ହୋଇଥିଲା। ବିଜେଡି ପ୍ରାର୍ଥୀ ବିଷ୍ଣୁ ଚରଣ ଦାସଙ୍କୁ ୯୩,୯୬୭ ଓ ଭାଜପା ପ୍ରାର୍ଥୀ ରମାକାନ୍ତ ଭୋଇଙ୍କୁ ୫୩,୫୮୧ ଖଣ୍ଡ ଭୋଟ ମିଳିଥିଲା। ଫଳରେ କଂଗ୍ରେସକୁ ପଛରେ ପକାଇ ଭାଜପା ପ୍ରାର୍ଥୀ ଦ୍ୱିତୀୟ ସ୍ଥାନକୁ ଚାଲି ଯାଇଥିଲେ।

## ମା' ସିଦ୍ଧିଦାତ୍ରୀଙ୍କ ଇନ୍ଦ୍ରାଣୀ ବେଶ



**ନାଉଗାଁ,୧୭।୯(ସ୍ୱ.ପ୍ର.):** ଜଗତ୍‌ସିଂହପୁର ବ୍ଲକ ସରାପ୍ୟୋସ୍ଥିତ ମା'ସିଦ୍ଧିଦାତ୍ରୀ ସର୍ବମଙ୍ଗଳା ପୀଠରେ ଶାରଦୀୟ ପାର୍ବଣ ଅବସରରେ ଷୋଡ଼ଶ ଉପଚାର ପୂଜା ଅନୁଷ୍ଠିତ ହେଉଛି। ଗୁରୁବାର ୮ମ ଦିବସରେ ମା' ସିଦ୍ଧିଦାତ୍ରୀଙ୍କୁ ଇନ୍ଦ୍ରାଣୀ ବେଶରେ ସୁସଜ୍ଜିତ କରାଯାଇଛି।

## ସଂକ୍ଷେପରେ

### ପୋଲିସକୁ ଗାଳିଗୁଲଜ କରି ଜେଲ ଗଲେ ଯୁବକ

**ନୟାଗଡ଼ଅଫିସ,୧୭।୯:** ପୋଲିସକୁ ଗାଳିଗୁଲଜ କରିବା ଅଭିଯୋଗରେ ନୟାଗଡ଼ ଟାଉନ ଥାନା ପୋଲିସ ରାଜାବଗିଚାର ମାନସ ପାଢ଼ୀ(୪୨)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ତେବେ ଜାମିନ ନାମଞ୍ଜୁର ହେବାରୁ ଗୁରୁବାର ମାନସଙ୍କୁ ନୟାଗଡ ସବ୍‌ଜେଲକୁ ପଠାଇ ଦିଆଯାଇଛି। ସୂଚନା ଅନୁସାରେ, ରେଲୱେର ନୟାଗଡ଼ ଜମି ଅଧିଗ୍ରହଣ ଅଫିସରଙ୍କୁ ବୁଧବାର ମାନସ ବିନା କାରଣରେ ଗାଳିଗୁଲଜ କରିଥିଲେ। ଯେଉଁମାନେ ପ୍ରତିବାଦ କରିଥିଲେ ମାନସ ସେମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ଓ ମାରପିଟ କରିଥିଲେ। ଏପରି କି ପୋଲିସ ପହଞ୍ଚିବାରୁ ମାନସ ପୋଲିସକୁ ବି ଗାଳିଗୁଲଜ କରିବା ସହ ମାଡ଼ ମାରିବାକୁ ଉଦ୍ୟମ କରିଥିଲେ।

### କଟକଣା ମାନୁନାହାନ୍ତି ଅମାନିଆ ବ୍ୟବସାୟୀ

**ଖଣ୍ଡପଡ଼ା,୧୭।୯(ସ୍ୱ.ପ୍ର.):** କରୋନା ସଂକ୍ରମଣ ବୃଦ୍ଧି ପାଉଥିବାରୁ ଖଣ୍ଡପଡ଼ା ସହରକୁ ୨୪ ତାରିଖ ସକାଳ ୬ଟା ପର୍ଯ୍ୟନ୍ତ କଣ୍ଟେନ୍‌ମେଣ୍ଟ୍ ଜୋନ ଘୋଷଣା କରାଯାଇଛି। ତେବେ ସ୍ଥାନୀୟ ପ୍ରଶାସନର ଉଦାସୀନତାର ସୁଯୋଗ ନେଇ କେତେଜଣ ଅମାନିଆ ବ୍ୟବସାୟୀ ଲୁଚାଛପାରେ ଦୋକାନ ଖୋଲି ସାମଗ୍ରୀ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ଖଣ୍ଡପଡା ଥାନା କର୍ତ୍ତୃପକ୍ଷ, ବ୍ଲକ ଓ ତହସିଲ କର୍ତ୍ତୃପକ୍ଷ ନୀରବଦ୍ରଷ୍ଟା ସାଜିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। କରୋନା ଗୋଷ୍ଠୀ ସଂକ୍ରମଣ ରୋକିବାକୁ ପ୍ରଶାସନ ନିଷ୍ପତ୍ତି ନେଇଥିଲେ ମଧ୍ୟ ଅମାନିଆଙ୍କ ଉପରେ ଏହାର କୌଣସି ପ୍ରଭାବ ପଡ଼ୁନାହିଁ। ତେଣୁ ଜିଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାକୁ ଦାବି ହୋଇଛି।

### କାଳ ସାଜିଲା କରୋନା କଟକଣା
### ଅର୍ଥ ଚିନ୍ତାରେ ଟ୍ୟୁଶନ ସାର୍‌ଙ୍କ ଜୀବନ ଗଲା

**ଖଣ୍ଡପଡା,୧୭।୯(ସ୍ୱ.ପ୍ର.):** ଅନେକ ଶିକ୍ଷିତ ବେକାର ଯୁବକ ଟ୍ୟୁଶନ କରି ନିଜର ପରିବାର ପ୍ରତିପୋଷଣ କରୁଥିବାବେଳେ କରୋନା କଟକଣା ସେମାନଙ୍କ ପାଇଁ ପ୍ରତିବନ୍ଧକ ସାଜିଛି। ଏପରି କି ଟ୍ୟୁଶନ ବନ୍ଦ ହୋଇଯିବାରୁ ମାନସିକ ଚାପରେ ଥିବା ଜଣେ ଟ୍ୟୁଶନ ସାରଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା ତାଙ୍କ ପରିବାର ଗୁରୁବାର ଅଭିଯୋଗ କରିଛନ୍ତି। ସେ ହେଲେ ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ପଞ୍ଚାୟତ ଅଧୀନ କଂସାରୀସାହି ପାଟଣା ଗ୍ରାମର ପ୍ରଭାତ କୁମାର ସାହୁ(୪୭)। ପ୍ରଭାତ ଘରୋଇ ଟ୍ୟୁଶନ କରି ପରିବାର ପ୍ରତିପୋଷଣ କରୁଥିଲେ। ତାଙ୍କର ଏକମାତ୍ର କନ୍ୟା ଚଳିତ ଯୁକ୍ତ ଦୁଇ ପରୀକ୍ଷାରେ ସ୍ଥାନୀୟ କଲେଜରେ ସର୍ବୋଚ୍ଚ ନମ୍ବର ରଖି ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ। ତେଣୁ ଝିଅ ଉଚ୍ଚତର ଶିକ୍ଷା ପାଇଁ ବାପାଙ୍କ ପାଖରେ ଅଳି କରୁଥିବାବେଳେ ଟ୍ୟୁଶନ ବନ୍ଦ ଥିବାରୁ ସେ କିପରି ଝିଅକୁ ପାଠ ପଢ଼ାଇବେ ସେହି ଚିନ୍ତାରେ ଥିଲେ। ତେବେ ହଠାତ୍ ବୁଧବାର ରାତିରେ ହୃଦ୍‌ଘାତ ହେବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପ୍ରଚାରିତ ହେବାପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

# ସ୍କୁଲ ବନ୍ଦକୁ ଆଦିବାସୀଙ୍କ ବିରୋଧ



ଆଦିବାସୀମାନେ ମେଳି କରିଛନ୍ତି।

**ନୟାଗଡ ଅଫିସ/ଦଶପଲ୍ଲା, ୧୭।୯(ଡି.ଏନ.ଏ.)**

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ନୂଆଗାଁ ପଞ୍ଚାୟତରେ ଏକାଧିକ ସ୍କୁଲ ବନ୍ଦ ପରେ ଆଦିବାସୀମାନେ କ୍ଷୋଭ ପ୍ରକାଶ କରି ଆନ୍ଦୋଳନ ପାଇଁ ପ୍ରସ୍ତୁତ ହେଉଛନ୍ତି। ଏନେଇ ମିନାଗାଡ଼ୁ ଉ.ପ୍ରା. ବିଦ୍ୟାଳୟଠାରେ ଆଦିବସୀଙ୍କ ଏକ ସଭା ଅନୁଷ୍ଠିତ ହୋଇଥିଲା। ଆଦିବାସୀ ନେତା ଶଶିନ୍ଦ୍ର କଅଁରଙ୍କ ନେତୃତ୍ୱରେ ଏହି ସଭାରେ ସରକାର ଆଦିବାସୀ ପିଲାମାନଙ୍କୁ ମୂର୍ଖ କରିବାକୁ ନିଷ୍ପତ୍ତି ନେଇଥିବା କୁହାଯାଇଥିଲା। ଏପରି ସ୍କୁଲ ବନ୍ଦ ଯୋଗୁ ଛାତ୍ରୀଛାତ୍ର ବଣ ଜଙ୍ଗଲ ଭିତରେ ୬ କିମି ଯାଇ ପାଠ ପଢ଼ିବା ସମ୍ଭବ ହେବ ନାହିଁ। ତେଣୁ ଆନ୍ଦୋଳନକୁ ତ୍ୱରାନ୍ୱିତ ପାଇଁ ଏକ ୧୧ ଜଣିଆ କମିଟି ଗଠନ କରାଯାଇଛି।

## ବାସନ୍ଦ ପରିବାର ଉପରେ ବଢ଼ୁଛି ନିର୍ଯାତନା

**ନୟାଗଡ ଅଫିସ,୧୭।୯**

ନୟାଗଡ଼ ଜିଲା ଓଡ଼ଗାଁ ଥାନା ସାକେରୀ ପଞ୍ଚାୟତ କଣମରେଇସାହିର ପଦ୍ମଚରଣ ପ୍ରଧାନଙ୍କ ପରିବାରକୁ ବାସନ୍ଦ କରି ରଖାଯାଇଛି। ଦୋଷ ନ ଥାଇ ବିଭିନ୍ନ ସମୟରେ ତାଙ୍କ ଉପରେ ନିର୍ଯାତନା ଦିଆଯାଉଛି ବୋଲି ଅଭିଯୋଗ ହୋଇଆସୁଛି। ତେବେ ନିର୍ଯାତନା ବଢ଼ିବାରୁ ପଦ୍ମଚରଣ ଗୁରୁବାର ଜିଲାପାଳଙ୍କୁ ଫେରାଦ ହୋଇ ନ୍ୟାୟ ଭିକ୍ଷା କରିଛନ୍ତି। ପଦ୍ମଚରଣଙ୍କ ଅଭିଯୋଗ ଅନୁସାରେ, ଗାଁରେ ରାସ୍ତା ଯାଉଛି। ହେଲେ ତାଙ୍କ ଘରର ରାସ୍ତାକୁ ଜାଣିଶୁଣି ଗାଁ ରାସ୍ତାରେ ମିଶାଇବାକୁ ଉଦ୍ୟମ କରାଯାଇଥିଲା। ସେ ବିରୋଧ କରିବାରୁ ତାଙ୍କୁ ଗାଁରୁ ବାସନ୍ଦ କରାଯାଇଛି। ଏହା ପରେ ଗୁରୁବାର ଗାଁ ଜଙ୍ଗଲରୁ କିଛି ଗଛ କଟାଯାଇ ନିଲାମ କରାଯାଇଥିଲା। ହେଲେ ସରକାରଙ୍କ ଗଛକୁ ନିଲାମ କରିବା ଠିକ୍ ନୁହେଁ ବୋଲି ପଦ୍ମଚରଣ କହିଥିଲେ। ଏପରି କି ଡିଏଫଓଙ୍କୁ ଅଭିଯୋଗ କରିଥିଲେ। ଏହା ପରେ ଗଛ କଟା ବନ୍ଦ ହୋଇଗଲା। ମାତ୍ର ଗଛ କାଟିବାରେ ସେ ସମ୍ପୃକ୍ତ ଥିବା ଗ୍ରାମବାସୀ ଦର୍ଶାଇଛନ୍ତି ବୋଲି ପଦ୍ମଚରଣ ଏସ୍‌ପିଙ୍କୁ ଜଣାଇଛନ୍ତି।

# ବଦଳି ପରେ ବି ଜଗତ୍‌ସିଂହପୁର ଛାଡୁନାହାନ୍ତି ଡିପିସି

**ଜଗତ୍‌ସିଂହପୁର ଅଫିସ,୧୭।୯**

ସର୍ବଶିକ୍ଷା ଅଭିଯାନ ଜିଲା ପ୍ରକଳ୍ପ ସଂଯୋଜକ (ଡିପିସି) ସପନ ଜେନାଙ୍କ ପଦୋନ୍ନତି ହୋଇଛି। ସେ ଜିଲା ଶିକ୍ଷା ଅଧିକାରୀ (ଡିଇଓ) ପଦବୀ ଅଳଙ୍କୃତ କରିଛନ୍ତି। ପଦୋନ୍ନତି ପରେ ୮ ତାରିଖରେ ତାଙ୍କୁ ନୟାଗଡ଼ ଡିଇଓ ଭାବେ ଯୋଗଦେବାକୁ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ଏଥିମଧ୍ୟରେ ୯ ଦିନ ଅତିକ୍ରାନ୍ତ ହୋଇ ଯାଇଥିଲେ ସୁଦ୍ଧା ସେ ଜଗତ୍‌ସିଂହପୁର ଛାଡିନାହାନ୍ତି। କାହିଁକି ଛାଡୁନାହାନ୍ତି ତାକୁ ନେଇ ନାନା କଥା ଆଲୋଚନା ଚାଲିଛି। ଏ ସମ୍ପର୍କରେ ସ୍ଥାନୀୟ କେତେଜଣ ବୁଦ୍ଧିଜୀବୀ ପ୍ରତିକ୍ରିୟାରେ କହିଛନ୍ତି, ଜେନା ଜଗତ୍‌ସିଂହପୁର ଜିଲାରେ ପାଖାପାଖି ୧୨ ବର୍ଷରୁ ଅଧିକ ସମୟ କଟାଇ ସାରିଲେଣି। ୧୯୯୬ରୁ ପାଖାପାଖି ୬/୭ ବର୍ଷ କାଳ ରଘୁନାଥପୁର ପି.ସି. ବିଦ୍ୟାପୀଠର ପ୍ରଧାନଶିକ୍ଷକ ଥିଲେ। ପରେ ଅନ୍ୟତ୍ର ବଦଳି ହୋଇ ଯାଇଥିଲେ। ୨୭।୬।୨୦୧୪ରୁ ଡିପିସି ଭାବେ ପୁଣି ଜଗତ୍‌ସିଂହପୁର ଫେରିଥିଲେ। ସେବେଠାରୁ ୬ ବର୍ଷରୁ ଅଧିକ ସମୟ ହେବ ଜଗତ୍‌ସିଂହପୁର ଡିପିସି ଭାବେ କାମ କରି ଆସୁଥିଲେ। ଏବେ ପଦୋନ୍ନତି ଓ ବଦଳି ହେଲା ପରେ ସେ ଜଗତ୍‌ସିଂହପୁର ଡିଇଓ ହେବାକୁ ଚାହୁଁଥିବା ସହରରେ ଚର୍ଚ୍ଚା ଚାଲିଛି। ଏ ସମ୍ପର୍କରେ ଜେନାଙ୍କୁ ପଚାରିବାରୁ ସେ କହିଥିଲେ, ପୂର୍ବରୁ ପ୍ରଧାନଶିକ୍ଷକ ଭାବେ ପାଖାପାଖି ୪ ବର୍ଷ ରହିଥିଲେ। ଏବେ ଡିପିସି ଭାବେ ୬ ବର୍ଷରୁ ଅଧିକ ସମୟ ରହିଲେଣି। ଜଗତ୍‌ସିଂହପୁର ଡିଇଓଙ୍କ ବଦଳି ହୋଇଛି। ତେଣୁ ତାଙ୍କୁ ଏହି ସ୍ଥାନରେ ରଖିବା ପାଇଁ ସେ ବିଭାଗୀୟ ନିର୍ଦ୍ଦେଶକଙ୍କୁ ଅନୁରୋଧ କରିଛନ୍ତି। ସେ କଟକରେ ରହୁଥିବାରୁ ନୟାଗଡ଼ ଦୂର ହେବ। ତେଣୁ ବଦଳି ବାତିଲ ପାଇଁ ନିର୍ଦ୍ଦେଶକଙ୍କ ନିକଟରେ ନିବେଦନ କରିଥିବା କହିଛନ୍ତି।

## ବେଣାଗାଡ଼ିଆ ସେବା ସମବାୟ ସମିତି
## ବର୍ଷେ ହେବ ସମ୍ପାଦକ ପଦବୀ ଖାଲି

**ଖଣ୍ଡପଡ଼ା,୧୭।୯(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଅଧୀନ ବେଣାଗାଡ଼ିଆ ସେବା ସମବାୟ ସମିତିରେ ୧ ବର୍ଷ ହେବ ସମ୍ପାଦକ ପଦବୀ ଖାଲି ପଡିଛି। ସମିତିସଭ୍ୟମାନଙ୍କ ଚୟନ କମିଟି ସମ୍ପାଦକ ପଦବୀ ପୂରଣ ପାଇଁ ନାମ ସୁପାରିସ କରିଥିଲେ ମଧ୍ୟ କର୍ତ୍ତୃପକ୍ଷ ନୂତନ ନିଯୁକ୍ତି ଦେଉ ନ ଥିବାରୁ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏପରି କି ସମ୍ପାଦକ ପଦବୀରେ କେହି ନ ଥିବାରୁ ସରକାରଙ୍କ ସମସ୍ତ ଯୋଜନାରୁ କୃଷକ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ସୂଚନାଯୋଗ୍ୟ, ୨୦୧୯ ଅକ୍ଟୋବରରେ ବେଣାଗାଡିଆ ସେବା ସମବାୟ ସମିତିର ଚୟନ କମିଟି ସଭ୍ୟମାନେ ସମ୍ପାଦକ ପଦବୀ ପାଇଁ ଗୌରାଙ୍ଗ ଚରଣ ପ୍ରଧାନଙ୍କ ନାମ ସୁପାରିସ କରି ନୟାଗଡ଼ ସହକାରୀ ସମବାୟ ନିବନ୍ଧକଙ୍କ କାର୍ଯ୍ୟାଳୟକୁ ପଠାଇଥିଲେ। ଏ ସମ୍ପର୍କରେ ନୟାଗଡ଼ ସେବା ସମବାୟ ସମିତି ମୁଖ୍ୟ କାର୍ଯ୍ୟାଳୟ ଏସଏଆର ସୁଦାମ ଚରଣ ଜେନାଙ୍କୁ ପଚାରିବାରେ ସେ କହିଥିଲେ, କରୋନା କଟକଣା ପାଇଁ କୌଣସି କାର୍ଯ୍ୟ ହୋଇ ପାରି ନ ଥିଲା। ଖୁବ୍‌ଶୀଘ୍ର ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହେବ।


भारतीय प्रतिभूति और विनिमय बोर्ड
Securities and Exchange Board of India
ସେବି ଭବନ II, ପ୍ଲଟ୍ ସଂ. ସି-7, 'ଜି' ବ୍ଲକ୍, ବାନ୍ଦ୍ରା-କୁର୍ଲା କମ୍ପ୍ଲେକ୍ସ, ବାନ୍ଦ୍ରା-କୁର୍ଲା କମ୍ପ୍ଲେକ୍ସ, ବାନ୍ଦ୍ରା (ପୂର୍ବ), ମୁମ୍ବଇ-400051

NiSM National Institute of Securities Markets
An Educational Initiative by SEBI

ସିକ୍ୟୁରିଟୀ ବଜାରର ପ୍ରଶିକ୍ଷକଙ୍କ (SMARTs) ସୂଚୀ ପ୍ରସ୍ତୁତି

ଭାରତୀୟ ସିକ୍ୟୁରିଟୀ ଏବଂ ବିନିମୟ ବୋର୍ଡ଼ (ସେବି) ନିବେଶକ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରିବା ପାଇଁ ସିକ୍ୟୁରିଟିଜ୍ ମାର୍କେଟ୍‌ର ପ୍ରଶିକ୍ଷକ (SMARTs)ଙ୍କ ସୂଚୀ ପ୍ରସ୍ତୁତ କରିବା ହେତୁ ଯୋଗ୍ୟ ବ୍ୟକ୍ତିଙ୍କ ଦ୍ୱାରା ଆବେଦନ ଆମନ୍ତ୍ରଣ କରୁଛନ୍ତି ।

ଚୟନ ସମ୍ବନ୍ଧିତ ମାନଦଣ୍ଡ ବିଶେଷ, ଆବେଦନ ଫର୍ମ, ଇତ୍ୟାଦି ବିବରଣୀ ଆମର ୱେବସାଇଟ୍ https://www.sebi.gov.in ଏବଂ https://investor.sebi.gov.in ରେ ଏବଂ ରାଷ୍ଟ୍ରୀୟ ସିକ୍ୟୁରିଟିଜ୍ ବଜାର ସଂସ୍ଥାନ (ଏନ୍‌ଆଇଏସ୍‌ଏମ୍) ୱେବସାଇଟ୍ https://www.nism.ac.in ରେ ଦିଆଯାଇଛି ।

ଆବେଦନ ପ୍ରସ୍ତୁତ କରିବାର ଅନ୍ତିମ ତାରିଖ 16 ଅକ୍ଟୋବର 2020 ।

ନିବେଶକ ସଚେତନତା ବିଭାଗ, ଓ.ଆଇ.ଏ.ଇ


## ଅଧିକ କରୋନା ପରୀକ୍ଷଣ ପାଇଁ ଦାବି

**କୁଜଙ୍ଗ,୧୭।୯(ଡି.ଏନ.ଏ.)**

ଜଗତ୍‌ସିଂହପୁର ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଘୋଷଣା କରିଥିଲେ ଯେ, ଜିଲାର ପ୍ରତ୍ୟେକ ବ୍ଲକ ସଦର ମହକୁମାରେ ପ୍ରତିଦିନ ୨୦୦ ବ୍ୟକ୍ତିଙ୍କ କରୋନା ପରୀକ୍ଷଣ ହେବ। ହେଲେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଅର୍ଥାତ୍ ଯେଉଁଠି କ୍ୟାମ୍ପ ହେଉଛି ମାତ୍ର ୭୦/୮୦ଜଣଙ୍କ ପରୀକ୍ଷା ହେଉଛି। ଫଳରେ ଶହଶହ ଲୋକ ପରୀକ୍ଷଣରୁ ବଞ୍ଚିତ ହେଉଛନ୍ତି। ବ୍ଲକସ୍ତରରେ ନିୟମିତ ପରୀକ୍ଷଣ ହେବାର ବନ୍ଦୋବସ୍ତ ନ ଥିବାରୁ ବହୁ ଲୋକ ଥଣ୍ଡା, କାଶ, ଜ୍ୱରରେ ଆକ୍ରାନ୍ତ ହେଉଛନ୍ତି। ଯେଉଁମାନେ ୫୦/୬୦ କି.ମି. ଦୂରରୁ ସଦରମହକୁମା ହସ୍‌ପିଟାଲକୁ ପରୀକ୍ଷା ପାଇଁ ଯାଉଛନ୍ତି ସେଠାରେ ତାଙ୍କର ପରୀକ୍ଷା କରା ନ ଯାଇ ପୁର୍ନବାର ବ୍ଲକସ୍ତରକୁ ପଠାଇ ଦିଆଯାଉଛି। କିନ୍ତୁ ବ୍ଲକସ୍ତରରେ ନିର୍ଦ୍ଦିଷ୍ଟ ସ୍ଥାନରେ ପରୀକ୍ଷଣ ବ୍ୟବସ୍ଥା ନାହିଁ। ଯେଉଁ ପଞ୍ଚାୟତରେ ୧/୨ଜଣ ପଜିଟିଭ ବାହାରୁଛନ୍ତି ସେହି ପଞ୍ଚାୟତରେ କ୍ୟାମ୍ପ କରାଯାଇ ମାତ୍ର ୬୦/୭୦ଜଣଙ୍କ ପରୀକ୍ଷା କରାଯାଉଛି। ବହୁ ସରପଞ୍ଚ ତାଙ୍କ ପଞ୍ଚାୟତର କୌଣସି ବ୍ୟକ୍ତିଙ୍କଠାରେ ଲକ୍ଷଣ ପରିଲକ୍ଷିତ ହେଲେ ସେ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଲେ ମଧ୍ୟ କୌଣସି ସୁଫଳ ମିଳିପାରୁନାହିଁ ବୋଲି ଗୋପିଆକୁଦ ସରପଞ୍ଚ ନନ୍ଦିନୀ ପଣ୍ଡା ପ୍ରକାଶ କରିଛନ୍ତି। ସେ ବାରମ୍ବାର ଅବଗତ କରାଇବାପରେ ଡାକ୍ତରଖାନା କର୍ତ୍ତୃପକ୍ଷ ଜଣେ ରୋଗୀଙ୍କୁ ବୁଧବାର କୋଭିଡ ହସ୍ପିଟାଲକୁ ପଠାଇଛନ୍ତି। ତେଣୁ ପ୍ରଶାସନ ଦୈନିକ ୨୦୦ ଲୋକଙ୍କ ପରୀକ୍ଷଣ ବ୍ୟବସ୍ଥା କରିବା ପାଇଁ ଗରେଇ ସରପଞ୍ଚ ସଂଗ୍ରାମ ମନ୍ତ୍ରୀ ଓ ଗୋପିଆକୁଦ ସରପଞ୍ଚ ନନ୍ଦିନୀ ପଣ୍ଡାଙ୍କ ସମେତ ବହୁ ସରପଞ୍ଚ ଦାବି କରିଛନ୍ତି। ଏ ସମ୍ପର୍କରେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପ୍ରଶନ୍ନ ପଣ୍ଡାଙ୍କୁ ପଚାରିବାରେ ସେ କହିଥିଲେ, ଜିଲାସ୍ତରରୁ ୩ଟା ଗ୍ରୁପ ଓ ସ୍ଥାନୀୟସ୍ତରରୁ ଗୋଟିଏ ଗ୍ରୁପ ଏହିପରି ୪ଟି ଗ୍ରୁପ ୨୦୦ଜଣଙ୍କ ପରୀକ୍ଷଣ କରୁଥିଲେ। ମାତ୍ର ଜିଲାସ୍ତରରୁ କୌଣସି ଗ୍ରୁପ ନ ଆସିବାରୁ ସ୍ଥାନୀୟସ୍ତରରୁ ଗୋଟିଏ ଗ୍ରୁପକୁ ନେଇ ପରୀକ୍ଷଣ କରାଯାଉଛି। ଅନ୍ୟପକ୍ଷରେ କୁଜଙ୍ଗ ବିଡିଓ ଅମିୟ ପଣ୍ଡା କହିଛନ୍ତି, ସ୍ୱାସ୍ଥ୍ୟବିଭାଗ ଆମକୁ ଜଣାଇଲେ ଆମେ କେବଳ କ୍ୟାମ୍ପ କରିବାକୁ ବ୍ୟବସ୍ଥା କରିପାରିବୁ। ତାହାଠାରୁ ଅଧିକ କିଛି କରିପାରିବୁ ନାହିଁ।

# କ୍ୟାନ୍‌ସର ପୀଡ଼ିତଙ୍କ ଚିକିତ୍ସାରେ ଅର୍ଥ ବାଧକ

**ରାହାମା,୧୭।୯(ଡି.ଏନ.ଏ.)**



କୁଜଙ୍ଗ ବ୍ଲକ ଅଧୀନ ସାଇଲୋ ପଞ୍ଚାୟତ ତେରମାଣପୁର ବାଲିସାହି ଗ୍ରାମର ଭଗବାନ ନାୟକ ଦୀର୍ଘଦୀନ ହେବ କ୍ୟାନସର ରୋଗରେ ଆକ୍ରାନ୍ତ ହୋଇଛନ୍ତି। ମାତ୍ର ଟଙ୍କା ନ ଥିବାରୁ ତାଙ୍କର ଚିକିତ୍ସା ହୋଇ ପାରୁନାହିଁ। ଦିନ ମଜୁରିଆ ଭାବେ କାମ କରି ପରିବାର ଚଳାଉଥିବା ଭଗବାନ ନିଜର ଚିକତ୍ସା ପାଇଁ ଅର୍ଥ ସଂଗ୍ରହ କରିପାରୁନାହାନ୍ତି। ସେ ଏବେ ରୋଗରେ ପୀଡ଼ିତ ଥିବାରୁ ତାଙ୍କ ପରିବାର ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ତାଙ୍କୁ ସରକାର ଚିକତ୍ସା ସହାୟତା ଯୋଗାଇ ଦେବାକୁ ପରିବାର ସଦସ୍ୟ ନିବେଦନ କରିଛନ୍ତି।

# ପାର୍କର ଭ୍ରମ ସୃଷ୍ଟି କରୁଛି ଶ୍ମଶାନ

**ନୟାଗଡ଼ଅଫିସ/ରଣପୁର,୧୭।୯(ସ୍ୱ.ପ୍ର.)**

ରଙ୍ଗବେରଙ୍ଗର ଫୁଲ ଗଛ ସହ ବିଭିନ୍ନ ଔଷଧୀୟ ଗଛରେ ଝଲସୁଛି ଶ୍ମଶାନ। ଯାହାକି ପାର୍କର ଭ୍ରମ ସୃଷ୍ଟି କରୁଛି। ନୟାଗଡ଼ ଜିଲା ରଣପୁର ଏନଏସି ଅଞ୍ଚଳରେ ରହିଛି ଏହି ଶ୍ମଶାନ। ଏହା ମୋ ଜନ୍ମଭୂମି ମୋ ସ୍ୱର୍ଗଦ୍ୱାର ନାମରେ ନାମିତ। ଘାଟ ନର୍ମାଣ ସେବା ସଂଘର ସଦସ୍ୟମାନେ ନିଜସ୍ୱ ଖର୍ଚ୍ଚରେ ଏହି ଶ୍ମଶାନକୁ ସୌନ୍ଦର୍ଯ୍ୟମୟ କରିଛନ୍ତି। ସାଧାରଣତଃ ଶ୍ମଶାନକୁ ଯିବାକୁ ଲୋକଙ୍କୁ ଡର ଲାଗେ। ତେବେ ରଣପୁରର ଏ ଶ୍ମଶାନରେ ଲୋକଙ୍କ ଭିଡ ଜମେ। ଘାଟ ନର୍ମାଣ ସେବା ସଂଘ ସଦସ୍ୟଙ୍କୁ ସରକାରୀ ସହାୟତା ଯୋଗାଇ ଦିଆଗଲେ ରଣପୁର ଅଞ୍ଚଳର ଅନ୍ୟ ଶ୍ମଶାନଗୁଡ଼ିକ ମଧ୍ୟ ପାର୍କ ପରି ଝଲସି ଉଠନ୍ତା ବୋଲି ମତପ୍ରକାଶ ପାଇଛି।



ଶ୍ମଶାନରେ ବିଭିନ୍ନ ପ୍ରକାରର ଫୁଲଗଛ ଲଗାଯାଇଛି।

# ବ୍ୟାସନଗରର ଉନ୍ନତି ଆଶା ଉଜ୍ଜୀବିତ

**ଯାଜପୁର ରୋଡ୍, ୧୭।୯ (ଡି.ଏନ.ଏ.)**

- ବ୍ୟାସସରୋବର ପରିଦର୍ଶନ କଲେ ନୂତନ ଜିଲାପାଳ
- ଦୀର୍ଘଦିନ ହେଲା ଅବହେଳିତ ବ୍ୟାସସରୋବର ପୀଠ
- ବିନା ବହିର୍ଗମନ ପଥରେ ବର୍ଜ୍ୟଜଳ ନିଷ୍କାସନ

ଯାଜପୁର ଜିଲାପାଳ ଭାବେ ନୂତନ କରି ଯୋଗଦାନ କରିଥିବା ଚକ୍ରବର୍ତ୍ତୀ ସିଂ ରାଠୋର ବୁଧବାର ବ୍ୟାସନଗର ସହର ଗସ୍ତ କରିଥିଲେ। ଏହି ଅବସରରେ ସେ କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ଶିଳ୍ପ କାରଖାନା ସମ୍ପର୍କରେ ଆଲୋଚନା କରିବା ସହ କେଏନ୍‌ଡିଏ, ପୌର ପରିଷଦ ଓ ବ୍ୟାସସରୋବର ପର୍ଯ୍ୟଟନସ୍ଥଳୀକୁ ପରିଦର୍ଶନ କରିଥିବାରୁ ଏଠାକାର ଉନ୍ନତି ଆଶା ଉଜ୍ଜୀବିତ ହୋଇଛି। ତେବେ ଏ ସଂକ୍ରାନ୍ତରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର କହିଛନ୍ତି, ଜିଲାପାଳ ଶିଳ୍ପ କାରଖାନା ଉପରେ ଆଲୋଚନା କରିଥିଲେ। ଏହାପରେ ପୌରପରିଷଦ କାର୍ଯ୍ୟାଳୟ, କେଏନଡିଏ, ବ୍ୟାସସରୋବର ଗସ୍ତରେ ଯାଇଥିଲେ।

କଳିଙ୍ଗନଗର ଶିଳ୍ପାଞ୍ଚଳ ୮୮୧.୧୬ ବର୍ଗ କିଲୋମିଟରକୁ ନେଇ ଗଢ଼ିଉଠିଛି। ସେଥିମଧ୍ୟରୁ ୨୨.୩୬ ବର୍ଗ କିଲୋମିଟର ଅଞ୍ଚଳ ବ୍ୟାସନଗର ମ୍ୟୁନିସିପାଲିଟିର ପରିସୀମା। ୨୬ଟି ୱାର୍ଡକୁ ନେଇ ଗଠିତ ଏହି ପୌରାଞ୍ଚଳରେ ବେସରକାରୀ ଭାବେ ଲୋକସଂଖ୍ୟା ଦେଢ଼ ଲକ୍ଷକୁ ଛୁଇଁଲାଣି। ପ୍ରତ୍ୟହ ସହରରୁ ଅତି କମ୍‌ରେ ୫୦ଟନ ଆବର୍ଜନା ବାହାରିଥାଏ। ସହରର ୨୬ଟି ଯାକ ୱାର୍ଡର ଆବର୍ଜନା ଉଠାଇବା ଦାୟିତ୍ୱ ଜାଗୃତି ନାମକ ଏକ ବେସରକାରୀ ସଂସ୍ଥାକୁ ଠିକା ଦିଆଯାଇଛି। ସହରରେ ଜଳ ନିଷ୍କାସନ ପାଇଁ କୌଣସି ବହିର୍ଗମନ ପଥ ନାହିଁ। ଫଳରେ ଦଳା ଓ ମାର୍କେଟ ଅଞ୍ଚଳର ପାଣି ମହିଳା କଲେଜ ନିକଟସ୍ଥ ଏକ ପୋଖରୀ ଓ ବିଲବାଡ଼ିରେ ଜମା ରହୁଛି। କୋପଣ୍ଡ ଓ ମୁଣ୍ଡୋମାଳ ବିଷାକ୍ତ ପାଣି ଗୋଶାଳା ପଡ଼ିଆ ଓ ନିର୍ମିତ ଡ୍ରେନରେ ଜମାରହୁଛି। ମହତାବନଗରର ବର୍ଜ୍ୟ ପାଣି ସେଠାକାର ଏକ ବିଲରେ ମିଶୁଛି। ବ୍ୟାସନଗର କଲେଜ, ଚୋର୍ଦ୍ଦା, କନ୍ହେଇପୁର ଅଞ୍ଚଳର ପାଣି ଗଣ୍ଡାନାଳାରେ ମିଶୁଛି, ଯଦ୍ୱାରା ବ୍ୟାସନଗର ପୌରାଞ୍ଚଳ ଏକ ବିଷାକ୍ତ ସହରରେ ପରିଣତ ହେବାକୁ ଯାଉଛି ବୋଲି ଅଭିଯୋଗ ହେଉଛି। ଏହାବାଦ ଐତିହାସିକ ଓ ପୌରାଣିକ କିମ୍ବଦନ୍ତୀ ବହନ କରୁଥିବା ବ୍ୟାସସରୋବର ପର୍ଯ୍ୟଟନସ୍ଥଳୀକୁ ସବୁପ୍ରକାରେ ଅବହେଳା କରାଯାଇଛି। ଏହି ପୀଠକୁ ଏଯାଏ ପକ୍କାରାସ୍ତା ନିର୍ମାଣ ହୋଇପାରିନାହିଁ। ଜଗନ୍ନାଥ ଉଦ୍ୟାନ କେବଳ ଫଳକରେ ସୀମିତ ରହିଛି। ଏହାସହ ସଂସ୍କୃତି ଭବନ, ପାନ୍ଥ ନିବାସ, ସରୋବର ଉନ୍ନତୀକରଣ, ବସ୍‌ଷ୍ଟାଣ୍ଡ, କେଏନ୍‌ଡିଏ ଉଦ୍ୟାନ, ଷ୍ଟାଡିୟମ୍ ଆଦି ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉପଖଣ୍ଡସ୍ତରୀୟ ଡାକ୍ତରଖାନା ପ୍ରତିଷ୍ଠା ଦାବି କାର୍ଯ୍ୟକାରୀ ହୋଇପାରୁନାହିଁ। ଏପରିକି ସହରର ୫ ହଜାରରୁ ଊର୍ଦ୍ଧ୍ୱ ପ୍ରଜା ଜମି ସମସ୍ୟାରେ ଛନ୍ଦି ହୋଇଛନ୍ତି। ଜମି ଥାଇ ବି ପ୍ରଜା ଏଠାରେ ଭୂମିହୀନ ଭଳି ଜୀବନ ଅତିବାହିତ କରୁଛନ୍ତି। ଏଭଳି ଅନେକ ଅବହେଳା ସହରବାସୀଙ୍କ ଅସନ୍ତୋଷର କାରଣ ହୋଇଛି।

## ସଂକ୍ଷେପରେ

### କୁମ୍ଭୀର ଆକ୍ରମଣରେ ମହିଳା ଗୁରୁତର

ରାଜନଗର, ୧୭।୯ (ଡି.ଏନ୍.ଏ.) ରାଜନଗର ବ୍ଲକ ଅଞ୍ଚଳରେ ଗୁରୁବାର କୁମ୍ଭୀର ଆକ୍ରମଣରେ ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ରାଜପୁର ପଞ୍ଚାୟତ ବଳଭଦ୍ରପ୍ରସାଦ ଗାଁର ଦିଲ୍ଲୀପ କୁମାର ତ୍ରିପାଠୀଙ୍କ ସ୍ତ୍ରୀ ସସ୍ମିତା (୪୫)। ସସ୍ମିତା ଘର ପଛପଟ ଜୋରରେ ଗାଧଉଥିବା ବେଳେ ଏକ କୁମ୍ଭୀର ତାଙ୍କ ମୁହଁ ଉପରକୁ ଝାମ୍ପ ମାରିଥିଲା। କୌଶଳକ୍ରମେ ସେ ନିଜ ଜୀବନ ବଞ୍ଚାଇଥିବା ବେଳେ ଉପରକୁ ଉଠିଆସିବା ସହ ଚେତାଶୂନ୍ୟ ହୋଇପଡ଼ିଯାଇଥିଲେ। ତେବେ ଚିତ୍କାର ଶୁଣି ଆଖପାଖର ଲୋକ ସେଠାରେ ପହଞ୍ଚିବା ସହ ସସ୍ମିତାଙ୍କୁ ପ୍ରଥମେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସସ୍ମିତାଙ୍କ ମୁହଁ, କାନ ଓ ପିଠିରେ ଗଭୀର ଆଘାତ ଲାଗିଥିବା ଜଣାଯାଇଛି।

### କେନ୍ଦୁଢ଼ିପି ୬ଦିନ କଣ୍ଟେନ୍‌ମେଣ୍ଟ ଜୋନ୍

ନୟାଗଡ ଅଫିସ,୧୭।୯: ନୟାଗଡ଼ ବ୍ଲକର କେନ୍ଦୁଢ଼ିପି ଗାଁ ୬ଦିନ ପାଇଁ କଣ୍ଟେନ୍‌ମେଣ୍ଟ ଜୋନ ଘୋଷଣା ହୋଇଛି। ଏଠାରୁ ୩୦ କରୋନା ଆକ୍ରାନ୍ତ ଚିହ୍ନଟ ପରେ ନୟାଗଡ ତହସିଲଦାର ଭିକାରୀ ସାହୁ ଗୁରୁବାର ପୂର୍ବାହ୍ନ ୧୦ଟାରୁ ୨୩ ତାରିଖ ରାତି ୧୦ଟା ପର୍ଯ୍ୟନ୍ତ ଏହାକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରିଛନ୍ତି। ଅନ୍ୟପକ୍ଷେ ନୟାଗଡ଼ ଜିଲାରେ ଗୁରୁବାର ୯୪ କରୋନା ଆକ୍ରାନ୍ତ ଚିହ୍ନଟ ପରେ ଜିଲାର ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୪୧୧୩ରେ ପହଞ୍ଚିଛି। ସେହିପରି ଜିଲାରେ ୧୭ଜଣଙ୍କ କରୋନାରେ ମୃତ୍ୟୁ ହୋଇଥିବା ସୂଚନା ମିଳିଛି।

### ନାବାଳକଙ୍କୁ ମରଣାନ୍ତକ ଆକ୍ରମଣ

ଭୁବନେଶ୍ୱର,୧୭।୯(ବ୍ୟୁରୋ): ଶହୀଦ ନଗର ଥାନା ଅଞ୍ଚଳରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ନାବାଳକଙ୍କୁ ଗୋଡ଼ାଇ ଗୋଡ଼ାଇ ଖଣ୍ଡାରେ ମରଣାନ୍ତକ ଆକ୍ରମଣ ହୋଇଛି। ଗୁରୁତର ନାବାଳକଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପରିବାର ଲୋକଙ୍କ ଅଭିଯୋଗକ୍ରମେ ପୋଲିସ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଚଢ଼ାଉ ଜାରି ରଖିଛି। ସୂଚନା ମୁତାବକ, ଏହି ଥାନା ଅନ୍ତର୍ଗତ ଭିଏସ୍ଏସ୍ ନଗରସ୍ଥିତ ଡିଏଲ କଲୋନୀରେ ରହୁଥିବା ସୌରଭ ପାତ୍ର(୧୭)ଙ୍କ ସହ କିଛି ଦିନ ତଳେ ୨ଜଣ ଯୁବକ ଝଗଡ଼ା ହୋଇଥିଲା। ଗୁରୁବାର ସକାଳ ପ୍ରାୟ ସାଢେ ୮ଟା ବେଳକୁ ସୌରଭ ଘର ପାଖ ଜଳଖିଆ ଦୋକାନକୁ ଯାଉଥିବା ଦେଖି ପୂର୍ବରୁ ଜଗିଥିବା ୩ ବାଇକରେ ୫ ଯୁବକ ତାଙ୍କୁ ଘେରି ଖଣ୍ଡାରେ ମରଣାନ୍ତକ ଆକ୍ରମଣ କରିଥିଲେ। ଜୀବନ ବଞ୍ଚାଇବାକୁ ସୌରଭ ଦଉଡିବାରୁ ଅଭିଯୁକ୍ତମାନେ ତାଙ୍କ ହାତ ପିଠି କାନ୍ଧକୁ ଖଣ୍ଡାରେ ଚୋଟ ମାରି ଗୁରୁତର ଅବସ୍ଥାରେ ତଳେ ପକାଇ ଫେରାର ହୋଇଯାଇଥିଲେ। ଖବରପାଇ ପରିବାର ଲୋକେ ସୌରଭଙ୍କୁ ହସ୍ପିଟାଲରେ ଭର୍ତ୍ତି କରିବା ସହ ପୋଲିସକୁ ଜଣାଇଥିଲେ। ଏ ନେଇ ସୌରଭଙ୍କ ପିତା ସୁଧାକର ନାୟକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ସୁଧୁରୁନି ବନ୍ୟାବିପନ୍ନଙ୍କ ଦୁର୍ଦ୍ଦଶା

ଯାଜପୁର ଅଫିସ୍/ ବରୀ, ୧୭।୯ (ଡି.ଏନ୍.ଏ.)


ବରୀ ବ୍ଲକ ରମ୍ଭା ଘାଇ ନିକଟ ନଦୀବନ୍ଧରେ ବନ୍ୟା ବିପନ୍ନ ପରିବାର ଆଶ୍ରୟ ନେଇଛନ୍ତି।

ଗତ ଅଗଷ୍ଟ ଶେଷ ସପ୍ତାହରେ ହୋଇଥିବା ବନ୍ୟା ଲୋକଙ୍କ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଇଛି। ଇତିମଧ୍ୟରେ ୩ ସପ୍ତାହ କାଳ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ଯାଜପୁର ଜିଲା ବରୀ ବ୍ଲକର ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶା ତିଳେମାତ୍ର ସୁଧୁରି ପାରିନାହିଁ। ଜିଲାରେ ୪୬ ହଜାରରୁ ଉର୍ଦ୍ଧ୍ୱ ଘର ଭାଙ୍ଗି ଯାଇଥିବା ବେଳେ କେବଳ ବରୀ ବ୍ଲକରେ ୨୦ହଜାରରୁ ଉର୍ଦ୍ଧ୍ୱ ଲୋକ ବାସହରା ହୋଇଛନ୍ତି। ଏବେ ବି ହଜାର ହଜାର ପରିବାର ଖୋଲା ଆକାଶ ତଳେ ରାସ୍ତାକଡ଼ରେ ଆଶ୍ରୟ ନେଇଛନ୍ତି। ପ୍ରାୟ ୭୪ ହଜାର ହେକ୍ଟର ଚାଷ ଜମି ଜଳମଗ୍ନ ହୋଇଥିବା ବେଳେ ଏବେ ବି ବନ୍ୟା ବିପନ୍ନଙ୍କ ନିକଟରେ ରିଲିଫ ସାମଗ୍ରୀ ଠିକ୍ ଭାବେ ପହଞ୍ଚି ପାରି ନ ଥିବା ଅଭିଯୋଗ ହୋଇଛି। ହେଲେ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀମାନେ ବନ୍ୟା ବିପନ୍ନଙ୍କ ପ୍ରତି ସାମାନ୍ୟତମ ସମ୍ବେଦନଶୀଳତା ନ ଥିବା ଭଳି କାର୍ଯ୍ୟ କରୁଛନ୍ତି ବୋଲି ମତପ୍ରକାଶ ପାଇଛି।

ଯାଜପୁର ଜିଲା ପ୍ରଶାସନ ତରଫରୁ ସମସ୍ତ ବନ୍ୟା ବିପନ୍ନଙ୍କୁ ପଲିଥିନ ଯୋଗାଇ ଦିଆଯିବା ସହିତ ସରକାରୀ ନିୟମ ମୁତାବକ ରିଲିଫ ସାମଗ୍ରୀ ପ୍ରଦାନ କରିବାକୁ ନିର୍ଦ୍ଦେଶ ହୋଇଛି। ବରୀ ବ୍ଲକର ୧୧୦ ରାଜସ୍ୱ ଗ୍ରାମର ୪୧,୧୪୯ ପରିବାର ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି। ପରିବାର ପିଛା ୫୦୦ଟଙ୍କା ହିସାବରେ ଅର୍ଥ ମଞ୍ଜୁର ହୋଇଥିବାବେଳେ ୨୦୫୭୪.୫ କୁଇଣ୍ଟାଲ ଚାଉଳ ଆସିଥିବା ସୂଚନା ମିଳିଛି। ମାତ୍ର ପ୍ରଶାସନିକସ୍ତରରେ ଆନ୍ତରିକତାର ଅଭାବ ଓ ଖାମଖିଆଲି ମନୋଭାବ ଯୋଗୁ ବନ୍ୟା ବିପନ୍ନମାନଙ୍କ ଚିହ୍ନଟ ପ୍ରକ୍ରିୟା ଏଯାଏ ସରିପାରିନି।

ବନ୍ୟାରେ ବାସଗୃହ ଭାଙ୍ଗି ଯାଇଥିବାରୁ ଗମ୍ଭୁ, ମିତ୍ରସେନପୁର, ଡିଅପାଳ, କୁଲୁପୁର, ବାଦପଡା, ଜୋରକୁଳ ପ୍ରଭୃତି ଗ୍ରାମର ହଜାରରୁ ଉର୍ଦ୍ଧ୍ୱ ପରିବାର ଖୋଲା ଆକାଶ ତଳେ ନଦୀବନ୍ଧ, ରାସ୍ତାକଡ଼ ଓ ବିଭିନ୍ନ ଉଚ୍ଚ ସ୍ଥାନରେ ଆଶ୍ରୟ ନେଇଛନ୍ତି। ବିଡମ୍ବନା ଯେ, ବହୁ ଥିଲା ବାଲା ଲୋକ ସରକାରୀ ସୁବିଧା ହାତେଇବାରେ ସଫଳ ହୋଇଛନ୍ତି, ହେଲେ ରତ୍ନଗିରି ପଞ୍ଚାୟତ ରାଉତସାହି ଗ୍ରାମର କୈବଲ୍ୟ ଦଳେଇ, ମହାକାଳପଡ଼ା ପଞ୍ଚାୟତ ମିତ୍ରସେନପୁର ଗ୍ରାମର ଗଦାଧର ବିଶ୍ୱାଳ, ଅବନ୍ତି ବିଶ୍ୱାଳ, ବାଲିବିଲି ଗ୍ରାମର ମାଧବ ମଳିକ ପ୍ରମୁଖ ବନ୍ୟା ବିପନ୍ନ ସରକାରୀ ସହାୟତାକୁ ଚାହିଁ ବସିଛନ୍ତି। ଲୋକ ପ୍ରତିନିଧିଙ୍କଠାରୁ ଆରମ୍ଭ କରି ସମ୍ପୃକ୍ତ ପ୍ରଶାସନିକ ଅଧିକାରୀ ପର୍ଯ୍ୟନ୍ତ ସମସ୍ତେ ଏମାନଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଉ ନ ଥିବା ମନେ ହେଉଛି। ନୂତନ ଭାବେ ଯୋଗ ଦେଇଥିବା ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ମଙ୍ଗଳବାର ବରୀ ବ୍ଲକ ଗସ୍ତ କରି ବିପନ୍ନମାନଙ୍କୁ ଭେଟିଥିଲେ। ସେମାନଙ୍କ ସହିତ ଆଲୋଚନା କରିବା ପରେ ବିପନ୍ନଙ୍କ ମନରେ କିଛିଟା ଆଶା ସଞ୍ଚାର ହୋଇଥିବା ଏବେ ଚର୍ଚ୍ଚା ହେଉଛି। ଏ ସଂକ୍ରାନ୍ତରେ ବରୀ ବିଡିଓ ଶିବାନନ୍ଦ ସ୍ୱାଇଁଙ୍କୁ ପଚାରିବାରେ ଏ ଯାଏ ୧୭,୧୬୭ ବନ୍ୟା ପ୍ରଭାବିତ ପରିବାରଙ୍କୁ ରିଲିଫ ବଣ୍ଟନ କରାଯାଇଛି। ଅନ୍ୟମାନଙ୍କୁ ରିଲିଫ ବଣ୍ଟନ ପ୍ରକ୍ରିୟା ଚାଲିଛି। ଯେଉଁମାନେ ତାଲିକାରୁ ବାଦ ପଡିଛନ୍ତି ସେମାନଙ୍କ ବିଷୟରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ବୋଲି କହିଛନ୍ତି।

- ୩ ସପ୍ତାହ ପରେ ବି ସରିଲାନି ପ୍ରଭାବିତଙ୍କ ଚିହ୍ନଟ ପ୍ରକ୍ରିୟା
- ଖୋଲା ଆକାଶ ତଳେ ପଡ଼ିଛନ୍ତି ଶତାଧିକ ପରିବାର
- ଥିଲା ବାଲା ସରକାରୀ ସୁବିଧା ହତେଇଥିବା ଅଭିଯୋଗ
- ସରକାରୀ ସହାୟତାକୁ ଅପେକ୍ଷା

# କ୍ଷୟକ୍ଷତି ଆକଳନ କଲେ କେନ୍ଦ୍ରୀୟ ଟିମ୍


କେନ୍ଦ୍ରୀୟ ଟିମ୍ ବନ୍ୟାଞ୍ଚଳ ପରିଦର୍ଶନ କରୁଛନ୍ତି।

ଯାଜପୁର ଅଫିସ/ବିଞ୍ଝାରପୁର/ ସିଂହପୁର/ବରୀ, ୧୭।୯ (ଡି.ଏନ୍.ଏ.)

କେନ୍ଦ୍ରୀୟ ପ୍ରତିନିଧି ଦଳ ଗୁରୁବାର ଯାଜପୁର ଜିଲାର ବିଞ୍ଝାରପୁର ଓ ବରୀ ବ୍ଲକର ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଛନ୍ତି। ଗତ ଅଗଷ୍ଟ ଶେଷ ସପ୍ତାହରେ ହୋଇଥିବା ବନ୍ୟାରେ ଯାଜପୁର ଜିଲାର ୨ ଡିଭିଜନ ଅଧୀନରେ ୨୫ଟି ସ୍ଥାନରେ ୧୩୧୦ ମିଟର ପର୍ଯ୍ୟନ୍ତ ଘାଇ ହୋଇଥିଲା। ଏହିସବୁ ଘାଇର ମରାମତି ଓ ପୁନଃଉଦ୍ଧାର ପାଇଁ ୧୨.୩୯ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଅଟକଳ କରାଯାଇଛି। ତେବେ ଏଥିମଧ୍ୟରୁ ଅଧିକାଂଶ ଘାଇ ମନୁଷ୍ୟକୃତ ବୋଲି ପୂର୍ବରୁ ବିରୋଧି ଭାଜପା ସମେତ ବନ୍ୟା ବିପନ୍ନମାନେ ଅଭିଯୋଗ କରିଛନ୍ତି। ଏହାବାଦ କେତେକ ଅନଭିଜ୍ଞ ପେଟି କଣ୍ଟ୍ରାକ୍ଟରଙ୍କ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ ଘାଇ ମରାମତି ଓ ପୁନଃଉଦ୍ଧାର କାର୍ଯ୍ୟକୁ ହାଲୁକା ଭାବେ ଗ୍ରହଣ କରାଯାଇଥିବା ମତପ୍ରକାଶ ପାଇଛି। ଏହିକ୍ରମରେ କେନ୍ଦ୍ରୀୟ ଦଳ ସମସ୍ତ ଦିଗକୁ ଅନୁଧ୍ୟାନ କରି ରିପୋର୍ଟ ପ୍ରଦାନ କରିବେ ବୋଲି ବନ୍ୟା ଦୁର୍ଗତମାନେ ଆଶା ପ୍ରକଟ କରିଛନ୍ତ। ଏହି ଦଳ ପ୍ରଥମେ ବିଞ୍ଝାରପୁର ବ୍ଲକ ନାଉବାଙ୍କଠାରେ ହୋଇଥିବା ଘାଇ ପରିଦର୍ଶନ କରିଥିଲେ। ଜଳ ସମ୍ପଦ ବିଭାଗ ପକ୍ଷରୁ ଚାଲିଥିବା ମରାମତି କାର୍ଯ୍ୟକୁ ପ୍ରତିନିଧିମାନେ ବୁଲି ଦେଖିବା ସହ ସ୍ଥାନୀୟ ଲୋକ ପ୍ରତିନିଧି ଓ ଲୋକମାନଙ୍କ ସହ ଆଲୋଚନା କରିଥିଲେ। ବନ୍ୟା ଯୋଗୁ ଶହଶହ ହେକ୍ଟର କ୍ଷତିଗ୍ରସ୍ତ ଚାଷ ଜମିକୁ ମଧ୍ୟ ଅନୁଧ୍ୟାନ କରିଥିଲେ। ପରେ ଶାସଳା ଗ୍ରାମର ରୁଦ୍ରନାରାୟଣ ବେହୁରିଆ ଉଦ୍ୟାନ ବିଭାଗ ସହାୟତାରେ କରିଥିବା ଛତୁ ଚାଷକୁ ଏହି ଦଳ ଦେଖିଥିଲେ। ପରେ ବରୀ ବ୍ଲକର କିମ୍ବିରିଆପାଳ ପଞ୍ଚାୟତର ମାଲଦାଠାରେ କ୍ଷତିଗ୍ରସ୍ତ ହୋଇଥିବା ସ୍ୱୟଂ ସହାୟକ ଗୋଷ୍ଠୀର ଛତୁଚାଷକୁ ପରିଦର୍ଶନ କରିବା ସହ ସାହୁପଡାର ଆରୁଆଳ ଓ ବାଲିଆପାଳର ରମ୍ଭାଠାରେ ହୋଇଥିବା ଘାଇସ୍ଥଳକୁ ପ୍ରତିନିଧି ଦଳ ପରିଦର୍ଶନ କରିଥିଲେ। ଗୃହ ମନ୍ତ୍ରଣାଳୟର ଗୃହ ସଚିବ ପ୍ରବୀଣ ବିଶିଷ୍ଟଙ୍କ ନେତୃତ୍ୱରେ ଆସିଥିବା ଏହି ଦଳରେ ଜଳ ସମ୍ପଦ ମନ୍ତ୍ରଣାଳୟର ସୁପରିଟେଣ୍ଡିଂ ଇଞ୍ଜିନିୟର ଅମରିଶ ପାଲ ସିଂ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟର ଏସ୍.ଏସ୍. ମୋଦି, ରାଜ୍ୟ କୃଷି ନିର୍ଦ୍ଦେଶକ ତଥା ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଏମ୍. ମୁଥୁକୁମାର ଓ ଜଳ ସମ୍ପଦ ବିଭାଗ ପରାମର୍ଶଦାତା ଯୁଗୁଳ କିଶୋର ତ୍ରିପାଠୀ ପ୍ରମୁଖ ସାମିଲ ଥିଲେ। ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର କେନ୍ଦ୍ରୀୟ ପ୍ରତିନିଧିମାନଙ୍କୁ ବନ୍ୟା ସ୍ଥିତି ସମ୍ପର୍କରେ ଅବଗତ କରାଇବା ସହ କ୍ଷୟକ୍ଷତି ସମ୍ପର୍କରେ ସୂଚନା ଦେଇଥିଲେ।

**ଯାଜପୁର ଜିଲାରେ ୨୫ ଘାଇ**

### ପୂର୍ବ ଶତ୍ରୁତାରୁ ଗୋଷ୍ଠୀ ସଂଘର୍ଷ, ୧୦ ଆହତ

ବିଞ୍ଝାରପୁର, ୧୭।୯ (ଡି.ଏନ୍.ଏ.)

ବିଞ୍ଝାରପୁର ଥାନା ଅଧୀନ କଲ୍ୟାଣପୁର ପଞ୍ଚାୟତ ରୁଦ୍ରପୁର ଦଳିତ ସାହିରେ ପୂର୍ବଶତ୍ରୁତାରୁ ଗୁରୁବାର ମଧ୍ୟାହ୍ନରେ ଦୁଇଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ଉଭୟ ପକ୍ଷରୁ ୧୦ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ବେଳେ ଗୁରୁତର ଦୁଇ ଜଣଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟମାନେ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ତେବେ ଗୋଟିଏ ଗୋଷ୍ଠୀ ପକ୍ଷରୁ ଥାନାରେ ଏତଲା ଦିଆଯାଇଥିବା ବେଳେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ମାମଲା ରୁଜୁ ହୋଇ ନ ଥିବା ଜଣାଯାଇଛି। ହେଲେ ଅଭିଯୋଗ ଆଧାରରେ ପୋଲିସ ତଦନ୍ତ କରୁଥିବା ଥାନା ସୂତ୍ରରୁ ପ୍ରକାଶ।

କଲ୍ୟାଣପୁର ପଞ୍ଚାୟତ ରୁଦ୍ରପୁର ଗ୍ରାମର ମଥୁରି ମଲିକଙ୍କ ସ୍ତ୍ରୀ ମାନସୀଙ୍କ ଅଭିଯୋଗ ଅନୁଯାୟୀ, ରୁଦ୍ରପୁର ଗ୍ରାମର ଏକ ନିର୍ଦ୍ଦିଷ୍ଟ ଦଳର ୧୫ଜଣ ଲୋକ ତାଙ୍କ ସ୍ୱାମୀଙ୍କ ସମେତ ରାମଚନ୍ଦ୍ର ମଲିକ, ଭରତ ମଲିକ, ରାଜୁ ମଲିକ, ପ୍ରଶାନ୍ତ ମଲିକ, ପ୍ରଫୁଲ୍ଲ ମଲିକ ପ୍ରମୁଖ ୧୦ଜଣଙ୍କୁ ଶାବଳ, ଭୂଜାଲି ଓ ଖଣ୍ଡାରେ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ସେମାନଙ୍କ ମଧ୍ୟରୁ ୨ଜଣଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ୨ ଜଣ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି।

### ୯ ପୋଲିସ କାର୍ଯ୍ୟାଳୟରେ କାମ କରୁନି ସିସିଟିଭି

କେନ୍ଦ୍ରାପଡା ଅଫିସ, ୧୭।୯:

କେନ୍ଦ୍ରାପଡା ଜିଲା ପୋଲିସର ୯ କାର୍ଯ୍ୟାଳୟରେ ସିସିଟିଭି କ୍ୟାମେରା ଅକାମୀ ହୋଇପଡ଼ିରହିଛି। ଡିଜିପିଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଏସବୁର ମରାମତି ହେଉ ନ ଥିବା ନିକିରାଇ ଥାନା ପଲ୍ଲୀ ରଘୁନାଥପୁରର ମନୋରଞ୍ଜନ ଜେନା ଆରଟିଆଇ ତଥ୍ୟ ଦ୍ୱାରା ହାସଲ କରିଥିବା ତଥ୍ୟରୁ ଜଣାପଡ଼ିଛି। ତେବେ ଜିଲାର ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ଅଫିସ୍ ସମେତ ରାଜକନିକା, ମହାକାଳପଡ଼ା, ପଟ୍ଟାମୁଣ୍ଡାଇ, ଜମ୍ବୁ, ତନ୍ତିଆପାଳ, ବିଦ୍ୟୁତ୍ ଥାନା, ନିକିରାଇ, ଓ ସଦର ଥାନାରେ ସିସିଟିଭି କ୍ୟାମେରା କାର୍ଯ୍ୟ କରୁ ନ ଥିବା ଜଣାଯାଇଛି। ଏ ସମ୍ପର୍କରେ ମନୋରଞ୍ଜନ କହିଛନ୍ତି, ଆଇନ ଶୃଙ୍ଖଳା ପରିସ୍ଥିତି ପାଇଁ କେନ୍ଦ୍ରାପଡ଼ା ଜିଲା ସର୍ବଦା ଚର୍ଚ୍ଚାରେ ରହିଛି। ହାଜତ ମୃତ୍ୟୁଠାରୁ ଆରମ୍ଭ କରି ଅଭିଯୋଗକାରୀ ଓ ଅଭିଯୁକ୍ତଙ୍କୁ ନିର୍ଯ୍ୟାତନା ଦେବା ଖବର ବାରମ୍ବାର ଗଣମାଧ୍ୟମରେ ପ୍ରକାଶ ପାଇଛି। ସିସିଟିଭି ଦ୍ୱାରା ଥାନାର କାର୍ଯ୍ୟକଳାପକୁ ସମୀକ୍ଷା କରାଯାଇପାରନ୍ତା।

### ଆବାସ ଯୋଜନାରୁ ବାଦ୍ ପଡ଼ିଛନ୍ତି ଦିବ୍ୟାଙ୍ଗ

ଜେନାପୁର, ୧୭।୯ (ଡି.ଏନ୍.ଏ.)

ଦିବ୍ୟାଙ୍ଗମାନଙ୍କର ଆର୍ଥିକ, ସାମାଜିକ ଉନ୍ନତି ନିମନ୍ତେ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି। ହେଲେ ଏହାର ପରିଚାଳନା ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଖାମଖିଆଲ ମନୋଭାବ ଯୋଗୁ ଅନେକ ସ୍ଥାନରେ ଦିବ୍ୟାଙ୍ଗମାନେ ସରକାରୀ ଯୋଜନାରୁ ବଞ୍ଚିତ ରହି ନାନା ଦୁର୍ଦ୍ଦଶା ଭୋଗୁଛନ୍ତି। ଧର୍ମଶାଳା ବ୍ଲକ ମାର୍ଜିତାପୁର ପଞ୍ଚାୟତ ଅଞ୍ଚଳରେ ଏଭଳି ଏକ ଘଟଣା ନଜରକୁ ଆସିଛି। ଉକ୍ତ ପଞ୍ଚାୟତ ଅଧୀନ ଗାଡ଼ିଆ ଗ୍ରାମର ଚିନ୍ତାମଣି ଦାସ(୩୬)। ୨୦୧୫ ମସିହାରୁ ୭୫ ପ୍ରତିଶତ ଦିବ୍ୟାଙ୍ଗ ପ୍ରମାଣପତ୍ର ପାଇଛନ୍ତି। ରହିବାକୁ ଘର ଖଣ୍ଡେ ନ ଥିବା ବେଳେ ପରିବାରର ୪ ପ୍ରାଣୀଙ୍କ ଦାୟିତ୍ୱ ମଧ୍ୟ ଚିନ୍ତାମଣିଙ୍କ ଉପରେ ରହିଛି। ଭିକ୍ଷାବୃତ୍ତି କରି ସେ ପରିବାର ଚଳାଉଛନ୍ତି। ହେଲେ ସେଥିରେ ଦିଓଳିର ଦିମୁଠା ଖାଇବା ବି ଯୋଗାଡ଼ ହୋଇପାରୁନି। ତା’ ବାଦ୍ ପିଲା ଦୁହିଁଙ୍କର ପାଠପଢ଼ା ଖର୍ଚ୍ଚ ଓ ନିଜର ଔଷଧ ଖର୍ଚ୍ଚ ଯୋଗାଡ଼ କରିବା ତାଙ୍କ ପକ୍ଷେ ଅସମ୍ଭବ ହୋଇପଡ଼ିଛି। ୭୫ ପ୍ରତିଶତ ଦିବ୍ୟାଙ୍ଗ ପ୍ରମାଣପତ୍ର ପାଇଥିଲେ ବି ଆବାସ ଯୋଜନାରେ ଘର ଖଣ୍ଡେ ମିଳିନି। ନୁଆଣିଆ ଚାଳଘରେ ପରିବାର ସହ ମୁଣ୍ଡ ଗୁଞ୍ଜିଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟଠାରୁ ଆରମ୍ଭ କରି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନିରାଶ ହୋଇଛନ୍ତି ବୋଲି ଚିନ୍ତାମଣି କୋହଭରା କଣ୍ଠରେ କହିଛନ୍ତି। ଏ ନେଇ ସ୍ଥାନୀୟ ସରପଞ୍ଚ ନିର୍ମଳା ସାହୁଙ୍କୁ ପଚାରିବାରେ, ରିପୋର୍ଟ ଦିଆଯାଇଛି। ତାଙ୍କ ନାଁରେ ଘର ଆସିଲେ ନିଶ୍ଚୟ ମିଳିବ। ଆମ ହାତରେ କିଛିନାହିଁ ବୋଲି କହିଛନ୍ତି। ତେବେ ଜିଲା ପ୍ରଶାସନ ପକ୍ଷରୁ ଏ ଦିଗରେ ଦୃଷ୍ଟି ଦିଆଯାଇ ଆବଶ୍ୟକ ତଦନ୍ତ କରାଯିବା ସହ ତାଙ୍କ ପରିବାରକୁ ସରକାରୀ ଯୋଜନାରେ ବାସଗୃହ ଯୋଗାଇ ଦେବାକୁ ଚିନ୍ତାମଣି ନିବେଦନ କରିଛନ୍ତି।

### ହାଇକୋର୍ଟରେ ଆଉ ଏକ ଜନସ୍ୱାର୍ଥ ମାମଲା

ଯାଜପୁର ଟାଉନ୍, ୧୭।୯ (ଡି.ଏନ୍.ଏ.)

ଯାଜପୁର ଜିଲାର ଅଧିଷ୍ଠାତ୍ରୀ ମା’ ବିରଜାଙ୍କ ରଥଯାତ୍ରା ପ୍ରସଙ୍ଗରେ ପୂର୍ବରୁ ମନ୍ଦିର ସେବାୟତ ପରିଷଦ ପକ୍ଷରୁ ହାଇକୋର୍ଟରେ ପିଟିସନ ଦାଖଲ ହୋଇଥିବା ବେଳେ ବୁଧବାର ହାଇକୋର୍ଟରେ ଆଉ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ଯାଜପୁର ଓକିଲ ସଂଘ ପକ୍ଷରୁ ବରିଷ୍ଠ ଆଇନଜୀବି ପ୍ରବୀର କୁମାର ରାୟ ଏକ ଜନସ୍ୱାର୍ଥ ମାମଲା ଦାଏର କରିଥିବାର ସୂଚନା ମିଳିଛି। ଦୁର୍ଗା ପୂଜା ଅବସରରେ ମା’ଙ୍କର ନବଦିନାତ୍ମକ ରଥଯାତ୍ରା ଅନୁଷ୍ଠିତ ହେଉଥିବା ବେଳେ ଚଳିତବର୍ଷ କରୋନା କଟକଣା ଯୋଗୁ ଏହା ବନ୍ଦ ହେବା ପରିସ୍ଥିତି ସୃଷ୍ଟି ହୋଇଛି। ହେଲେ ଏହା ବନ୍ଦ ହେଲେ ଦୀର୍ଘବର୍ଷର ପରମ୍ପରା କ୍ଷୁର୍ଣ୍ଣ ହେବା ସହ ଲୋକଙ୍କ ଧର୍ମୀୟ ଭାବନାକୁ ଆଘାତ ପହଞ୍ଚିବ। ତେବେ ଏହା ଥରେ ବନ୍ଦ ହେଲେ ଆସନ୍ତା ୧୨ବର୍ଷ ପର୍ଯ୍ୟନ୍ତ ରଥଯାତ୍ରା ହୋଇପାରିବ ନାହିଁ ବୋଲି ମୁକ୍ତି ମଣ୍ଡପ ପକ୍ଷରୁ କୁହାଯାଇଛି। ତେଣୁ ପୁରୀ ରଥଯାତ୍ରା ଭଳି ମା’ବିରଜାଙ୍କ ରଥଯାତ୍ରାକୁ କୋଭିଡ୍ କଟକଣା ଅନୁସାରେ କରାଯିବାକୁ ଅନୁମତି ଦେବାକୁ ବରିଷ୍ଠ ଆଇନଜୀବୀ ରାୟ ତାଙ୍କ ପିଟିସନ୍‌ରେ ଉଲ୍ଲେଖ କରିଛନ୍ତି। ଅନ୍ୟ ପଟେ ମା’ଙ୍କ ରଥ ନିର୍ମାଣ କାର୍ଯ୍ୟ ଚୂଡାନ୍ତ ପର୍ଯ୍ୟାୟରେ ଚାଲିଥିବା ଦେଖାଦେଇଛି। ଏନେଇ (ଡବ୍ଲ୍ୟୁପିସି ନଂ୨୪୧୧୯/୨୦୨୦) ରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ଆସନ୍ତା ମଙ୍ଗଳବାର ଦିନ ଏହି ମାମଲାର ଶୁଣାଣି କରାଯିବ ବୋଲି ସୂଚନା ମିଳିଛି।

**ମା’ ବିରଜାଙ୍କ ରଥଯାତ୍ରା ପ୍ରସଙ୍ଗ**


ମା’ ମନସାଙ୍କ ବାର୍ଷିକ ପୂଜା ଅବସରରେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ରାମଚଣ୍ଡୀ ମନ୍ଦିର ନିକଟ ଗଳିଆ ନଦୀରେ କଦଳୀ ଭେଳାରେ ମା’ଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା କରାଯାଉଛି।

# ଘରେ ଘରେ ଥଣ୍ଡା, ଜ୍ୱର ରୋଗୀ

କେନ୍ଦ୍ରାପଡା ଅଫିସ, ୧୭।୯

କେନ୍ଦ୍ରାପଡ଼ା ଜିଲାରେ କରୋନା ସଂକ୍ରମଣ ଆଶଙ୍କା ପାଇଁ ସାଧାରଣ ଚିକିତ୍ସା ସେବା ଗତ ମାର୍ଚ୍ଚରୁ ପ୍ରଭାବିତ ହୋଇଛି। ସାମାଜିକ ଦୂରତ୍ୱ ଓ ଅନ୍ୟ କୋଭିଡ୍-୧୯ ନିୟମାବଳୀ କାର୍ଯ୍ୟକାରୀ ହେବା ପରେ ଜ୍ୱର, ଥଣ୍ଡା କାଶ ପରି ଲକ୍ଷଣ ଥିବା ରୋଗୀ ସହଜରେ ଚିକିତ୍ସିତ ହୋଇପାରୁନାହାନ୍ତି। ଦେଶରେ ଅନ୍‌ଲକ-୪ ଓ ରାଜ୍ୟରେ ସଂଗରୋଧ କେନ୍ଦ୍ର, କୋଭିଡ୍ କେୟାର ସେଣ୍ଟର ବନ୍ଦ ପରେ ମଧ୍ୟ ଜିଲା ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ସଚେତନ ହୋଇନାହାନ୍ତି। ବର୍ଷା ଓ ବନ୍ୟା ପରେ ଜିଲାର ପ୍ରତି ଘରେ ଏବେ ଜ୍ୱର, ଥଣ୍ଡା, କାଶ, ଝାଡ଼ାବାନ୍ତି ଆଦି ଲକ୍ଷଣ ଥିବା ରୋଗୀଙ୍କୁ ଦେଖିବାକୁ ମିଳୁଛି। ଏପରିକି ସହର ଓ ଆଖପାଖ ଅଞ୍ଚଳରେ ବୁଧବାର- ଗୁରୁବାରର ୧୫ ଘଣ୍ଟା ବ୍ୟବଧାନରେ ଜ୍ୱର ଲକ୍ଷଣ ଥିବା ୫ଜଣଙ୍କ ମୃତ୍ୟୁ ଘଟିବା ପରେ ଜିଲାରେ ଭୟର ବାତାବରଣ ସୃଷ୍ଟି ହୋଇଛି। ରାଜନଗରର ଜେଇ ବିଶ୍ୱରଞ୍ଜନ ଭୂୟାଁ, କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟି ପରିମଳ ଜମାଦାର ଦିଲ୍ଲୀପ ସିଂହ, ପୂର୍ବତନ କର୍ମଚାରୀ ଗୋକୁଳ ଦାସ, ବ୍ଲକ ଅଧ୍ୟକ୍ଷ ଅନାମବନ୍ଧୁ ଧଳ, ସାନ୍ତସାହିର ମହମ୍ମଦ ଖୁଲସନ ଅଲ୍ଲୀଙ୍କ ଆକାଳ ମୃତ୍ୟୁ ପାଇଁ ପରିବାର ସଦସ୍ୟ ହୃଦ୍‌ଘାତକୁ ଦାୟୀ କରୁଛନ୍ତି। ତେବେ ମୃତକଙ୍କ ବ୍ୟବଚ୍ଛେଦ ନ ହେବା ଓ କୋଭିଡ-୧୯ ନିୟମାବଳୀରେ ମୃତଦେହ ସତ୍କାର କରିବାକୁ ନେଇ ଆଲୋଚନା ଜୋର ଧରିଛି।

ଅପରପକ୍ଷରେ ପ୍ରତିବର୍ଷ ଜୁନ ପୂର୍ବରୁ ଜଳବାହିତ ରୋଗ ପାଇଁ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପ୍ରକାର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଏଥିସହ ଗ୍ରାମ କଲ୍ୟାଣ ସମିତିଠାରୁ ଆରମ୍ଭ କରି ଜିଲା ସ୍ୱାସ୍ଥ୍ୟ କର୍ମଚାରୀ ପର୍ଯ୍ୟନ୍ତ ଡେଙ୍ଗୁ, ମ୍ୟାଲେରିଆ, ଥଣ୍ଡା ଜ୍ୱର, କାଶ ଆଦି ରୋଗର ନିରାକରଣ ପାଇଁ ସଚେତନତା ସୃଷ୍ଟି କରାଇଥାନ୍ତି। ଚଳିତ ବର୍ଷ କରୋନା ସଂକ୍ରମଣ ଟାଳିବାରେ ବ୍ୟସ୍ତ ରହିଥିବା ପ୍ରଶାସନ ଏଥିପ୍ରତି ନଜର ଦେଇନାହାନ୍ତି। ଫଳରେ ସାଧାରଣ ଲକ୍ଷଣଯୁକ୍ତ ରୋଗ ପାଇଁ ଘରେ ରହି କ୍ୱାକ୍‌ଙ୍କ ସହାୟତା ନିଆଯାଉଥିବାରୁ ବହୁ ବୁଦ୍ଧିଜୀବୀ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବୁଦ୍ଧିଜୀବୀ ରାଧାକାନ୍ତ ମହାନ୍ତି, ପ୍ରଶାନ୍ତ କୁମାର ନାୟକ, ମାତୃଦତ୍ତ ମହାନ୍ତି, ସାମାଜିକ କର୍ମୀ ପ୍ରତାପ ଚନ୍ଦ୍ର ପାଢ଼ୀ କହିଛନ୍ତି, ଗତ ମାର୍ଚ୍ଚରୁ କରୋନା ସଂକ୍ରମଣର ଭୟାବହତା ଆରମ୍ଭ ହୋଇଛି। ପ୍ରାଥମିକ ପର୍ଯ୍ୟାୟରେ କେନ୍ଦ୍ରାପଡ଼ା ଜିଲାରେ ଏହାର ପ୍ରଭାବ ନଥିଲା। ଏପ୍ରିଲ ୭ରେ ପ୍ରଥମ କରୋନା ରୋଗୀ ଚିହ୍ନଟ ହୋଇଥିବା ବେଳେ ଅଗଷ୍ଟ ଆରମ୍ଭରେ ୫୦୦ ମଧ୍ୟର ସୀମିତ ଥିଲା। ଏହି ସଂଖ୍ୟା ଏବେ ୩୫୧୧ ହୋଇଛି। ଏପରିକି ସେପ୍ଟେମ୍ବର ୧୬ ଦିନ ମଧ୍ୟରେ ଜିଲାରେ ୧୪୦୦ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। କରୋନା ସଂକ୍ରମଣ ବଢ଼ି ଚାଲିଥିବା ବେଳେ ବିଭିନ୍ନ ସରକାରୀ କଟକଣା ହଟିଯାଇଛି। ଏଥିସହିତ ଜିଲାରେ ବର୍ଷା ଓ ବନ୍ୟାରେ ପୀଡିତ ଲୋକଙ୍କୁ ଜ୍ୱର, ଥଣ୍ଡା, କାଶ ଆଦି ରୋଗ ଦେଖାଦେଇଛି। ବିଭିନ୍ନ ସରକାରୀ ଚିକିତ୍ସାଳୟରେ କରୋନା କଟକଣା ଥିବାରୁ ରୋଗୀ ଆତଙ୍କିତ ହୋଇ ଚିକିତ୍ସା ପାଇଁ ଯାଉନାହାନ୍ତି। ସେହିପରି ନିକଟସ୍ଥ ଔଷଧ ଦୋକାନୀ ଓ କ୍ୱାକ୍‌ଙ୍କ ପରାମର୍ଶରେ ଔଷଧ ସେବନ କରିବା ପାଇଁ ଏକ ପ୍ରକାର ବାଧ୍ୟ ହେଉଛନ୍ତି। ଅଭିଜ୍ଞ ଡାକ୍ତରଙ୍କ ଅନୁଶୀଳନ ଓ ଉପଯୁକ୍ତ ଟେଷ୍ଟ ଅଭାବରେ ପ୍ରକୃତ ରୋଗ ଧରା ନ ପଡ଼ିବାରୁ ଅକାଳରେ ଅନେକଙ୍କ ଜୀବନ ଯାଉଛି। ସାଧାରଣ ଚିକିତ୍ସା ସେବାକୁ ପୁନର୍ବାର ଚାଲୁ କରିବା ପାଇଁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ସିଡିଏମ୍‌ଓ ଡା. ଅନୀତା ପଟ୍ଟନାୟକ କହିଛନ୍ତି ଯେ, ବର୍ଷା ଋତୁ ଆରମ୍ଭରୁ ଜଳବାହିତ ରୋଗ ପାଇଁ ସତର୍କତା ଅବଲମ୍ବନ କରାଯାଇଛି। ଗ୍ରାମସ୍ତରରେ ଥିବା ସ୍ୱାସ୍ଥ୍ୟକର୍ମୀଙ୍କୁ ଏ ନେଇ ତାଲିମ ଦିଆଯାଇଛି। ସେହିପରି ପ୍ରତି ଚିକିତ୍ସାଳୟରେ ସ୍ୱତନ୍ତ୍ର ଭାବେ ଭିବର କ୍ଲିନିକ ପ୍ରତିଷ୍ଠା ସହ ଫୋନ୍ ଯୋଗେ ପରାମର୍ଶ ଦିଆଯାଉଛି। ଚିକିତ୍ସାରେ ଅବହେଳା କରାଯାଉ ନ ଥିବା ସିଡିଏମଓ ଡା. ପଟ୍ଟନାୟକ ପ୍ରକାଶ କରିଛନ୍ତି।

**କେନ୍ଦ୍ରାପଡ଼ା ଜିଲା**

- ୧୫ ଘଣ୍ଟାରେ ୫ ସନ୍ଦେହଜନକ ମୃତ୍ୟୁ
- କରୋନା ଭୟରେ ଡାକ୍ତରଖାନା ଯାଉନାହାନ୍ତି ଆକ୍ରାନ୍ତ
- ଜଳବାହିତ ରୋଗ ପାଇଁ ସଚେତନତା ନାହିଁ
- ସାଧାରଣ ଚିକିତ୍ସା ସେବାକୁ ତ୍ୱରାନ୍ୱିତ ପାଇଁ ଦାବି

